କର୍ଣ୍ଣାଲ ଉନ୍ନତିକରଣ ଟ୍ରଷ୍ଟ

ବନାମ

ରାମ ପ୍ରକାଶ ଏବଂ ଅନ୍ୟମାନେ

21, ମାର୍ଚ୍ଚ 1996

[ କେ. ରାମାସ୍ୱାମୀ ଏବଂ ଜି. ଟି. ନାନାବତୀ, ନ୍ୟାୟମୂର୍ତ୍ତିଦ୍ୱୟ । ]

*ଜମି ଅଧିଗ୍ରହଣ ଅଧିନିୟମ 1894:*

*କ୍ଷତିପୂରଣ ନିର୍ଦ୍ଧାରଣ-ବକେୟା ଅର୍ଥରାଶି ଆଦାୟ ପାଇଁ ଉତ୍ତରଦାତାଙ୍କ ଦ୍ୱାରା ଦାଖଲ କରାଯାଇଥିବା ବିଚାରାଧୀନ ନିର୍ଦ୍ଧାରଣ କାର୍ଯ୍ୟାନ୍ୱୟନ ଆବେଦନ-ଆବେଦନକାରୀ ନ୍ୟାସ ଦ୍ୱାରା ଉଠାଯାଇଥିବା ଆପତ୍ତି ଥିଲା ଯେ ଜମା ହୋଇଥିବା ଅର୍ଥରାଶି, ଉତ୍ତରଦାତାଙ୍କ କାର୍ଯ୍ୟାନ୍ୱୟନ ଆବେଦନ କାରଣରୁ ପ୍ରଦାନ କରାଯିବାକୁ ଥିବ 'ଠାରୁ ଅଧିକ ଥିଲା, ଏବଂ ତାହାକୁ ଦୃଷ୍ଟିରେ ରଖି ଏହାକୁ ଖାରଜ କରାଯିବା ଉଚିତ-ଉଠାଯାଇଥିବା ଆପତ୍ତିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା-ଉଚ୍ଚ ନ୍ୟାୟାଳୟ ଦ୍ୱାରା ନିଶ୍ଚିତକରଣ-ଅପିଲ-ସର୍ବୋଚ୍ଚ ନ୍ୟାୟାଳୟ, ନ୍ୟାୟାଧିକରଣଙ୍କ ଦ୍ୱାରା ଦିଆଯାଇଥିବା ଅଧିନିର୍ଣ୍ଣୟକୁ ଏହି ଆଧାରରେ ଖାରଜ କରିଦେଇଛନ୍ତି ଯେ ଏହା ଅନ୍ୟ ସଦସ୍ୟଙ୍କ ଅଂଶଗ୍ରହଣ ବିନା ସଭାପତିଙ୍କ ଦ୍ୱାରା ଗ୍ରହଣ କରାଯାଇଥିଲା-ଏହି ମାମଲାରେ ରାୟ ଅଣପ୍ରତିଷ୍ଠିତ ହୋଇଥିବାରୁ, ନୂତନ ରାୟ ନଆସିବା ପର୍ଯ୍ୟନ୍ତ ଉତ୍ତରଦାତାଙ୍କ ଦ୍ୱାରା ଡିକ୍ରି କାର୍ଯ୍ୟକାରୀ ହୋଇପାରିବ ନାହିଁ-ଉତ୍ତରଦାତାଙ୍କୁ ପୂର୍ବରୁ ପ୍ରଦାନ କରାଯାଇଥିବା ପରିମାଣ ନୂତନ ରାୟର ଫଳାଫଳ ଉପରେ ନିର୍ଭର କରିବ ।*

କର୍ଣ୍ଣାଲ ଉନ୍ନତିକରଣ ନ୍ୟାସ କର୍ଣ୍ଣାଲ ବନାମ ଶ୍ରୀମତୀ ପ୍ରକାଶ ୱାନ୍ତି (ମୃତ) ଏବଂ ଅନ୍ୟଜଣେ, ଜେ. **ଟି. (1995) 5 ଏସ୍. ସି. 151, ଉଲ୍ଲେଖ** କରାଯାଇଛି ।

ଦେୱାନୀ ଆବେଦନ ଅଧିକାରିତା :ଦେୱାନୀ ଆବେଦନ ସଂଖ୍ୟା 5259/1996 ।

ସି. ଆର୍. ସଂଖ୍ୟା 1307/1993 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟଙ୍କର 14.12.93 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀଙ୍କ ପାଇଁ ଏମ୍. ଏଲ୍. ବର୍ମା, ଏସ୍. କେ. ବଗ୍ଗା, ସିରାଜ ବଗ୍ଗା, ସୁଶ୍ରୀ ଏସ୍. ବଗ୍ଗା ଏବଂ ସୁଶ୍ରୀ ମୋନିକା ବନୋତ ।

ନ୍ୟାୟାଳଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଯଦିଓ ଉତ୍ତରଦାତାମାନଙ୍କୁ ସୂଚନା ପ୍ରଦାନ କରାଯାଇଥିଲା, ତଥାପି ଉତ୍ତରଦାତାମାନଙ୍କ ତରଫରୁ କେହି ହାଜର ହୋଇ ନାହାନ୍ତି ।

ଅନୁମତି ପ୍ରଦାନ କରାଗଲା ।

ବିଶେଷ ଅନୁମତି ଦ୍ୱାରା କରାଯାଇଥିବା ଏହି ଆବେଦନ ସି. ଆର. ସଂଖ୍ୟା 1307/1993 ରେ ପଞ୍ଜାବ ଏବଂ ହରିୟାଣା ଉଚ୍ଚ ନ୍ୟାୟାଳୟର 14, ଡିସେମ୍ବର 1993 ରେ ପ୍ରଦାନ କରାଯାଇଥିବା ଆଦେଶରୁ ଉତ୍ପନ୍ନ ହୋଇଛି । ସମସ୍ତ ତଥ୍ୟ ଉପରେ ବିସ୍ତାର କରିବାର ଆବଶ୍ୟକତା ନାହିଁ । ଏହା କହିବା ଯଥେଷ୍ଟ ଯେ ଏହି ନ୍ୟାୟାଳୟ ପୂର୍ବରୁ ଏକ ଅବସରରେ ଫାର୍ ଜମିର କ୍ଷତିପୂରଣ ନିର୍ଦ୍ଧାରଣ ପାଇଁ ସ୍ୱୟଂ-ସମାନ ମାମଲାକୁ ଉଲ୍ଲେଖ କରିଥିଲେ । ନିର୍ଣ୍ଣୟ ବିଚାରଧିନ ଥିବାରୁ, ଉତ୍ତରଦାତାମାନେ ବକେୟା ବୋଲି କୁହାଯାଉଥିବା ନିର୍ଦ୍ଦିଷ୍ଟ ପରିମାଣର ଅର୍ଥରାଶି ଆଦାୟ ପାଇଁ ନିଷ୍ପାଦନ ଆବେଦନ ଦାଖଲ କରିଥିଲେ । ଆବେଦନକାରୀ-ନ୍ୟାସ ଆପତ୍ତି ଦାଖଲ କରି ଦର୍ଶାଇଥିଲେ ଯେ ଆବେଦନକାରୀ, ଉତ୍ତରଦାତାମାନଙ୍କ ବକେୟା ଠାରୁ ଅଧିକ ଜମା କରିଛନ୍ତି । ତେଣୁ କାର୍ଯ୍ୟକାରୀ ଆବେଦନ ଖାରଜ ହେବା ଯୋଗ୍ୟ । ଏହି ଆପତ୍ତିଟିକୁ ଅଗ୍ରାହ୍ୟ କରିଦିଆଯାଇଥିଲା ଏବଂ ପୁନରୀକ୍ଷଣ ପରେ ଉଚ୍ଚ ନ୍ୟାୟାଳୟ ଏହାକୁ ନିଶ୍ଚିତ କରିଥିଲେ । ତେଣୁ ବିଶେଷ ଅନୁମତି ଦ୍ୱାରା ଏହି ଆବେଦନ ।

ଅନୁରୂପ ପରିସ୍ଥିତିରେ ଯେତେବେଳେ ଆବେଦନକାରୀଙ୍କ ଦ୍ୱାରା ନ୍ୟାୟାଧିକରଣଙ୍କର ରାୟକୁ ପ୍ରଶ୍ନ କରାଯାଇଥିଲା, ସେତେବେଳେ କର୍ଣ୍ଣାଲ ଉନ୍ନତିକରଣ ନ୍ୟାସ, କର୍ଣ୍ଣାଲ ବନାମ ପ୍ରକାଶ ୱାନ୍ତି (ମୃତ) ଏବଂ *ଅନ୍ୟଜଣେ, ଜେ. ଟି. (1995) 5 ଏସ୍. ସି. 151 ମାମଲାରେ ଏହି* ନ୍ୟାୟାଳୟ ନିର୍ଣ୍ଣୟ ଦେଇଥିଲେ ଯେ ଅନ୍ୟ ସଦସ୍ୟଙ୍କ ଅଂଶଗ୍ରହଣ ବିନା ନ୍ୟାୟାଧିକରଣଙ୍କର ରାୟ ବେଆଇନ ଏବଂ ଅବୈଧ ଥିଲା । ତଦନୁସାରେ, ଏହାକୁ ବାତିଲ କରାଯାଇଥିଲା । ଫଳସ୍ୱରୂପ ଆଜି ପର୍ଯ୍ୟନ୍ତ ଆଇନ ଅନୁସାରେ କୌଣସି ରାୟ ବିଦ୍ୟମାନ ନାହିଁ । ଆଇନ ଅନୁଯାୟୀ ଏକ ରାୟ ନୂତନ ଭାବରେ ନ ଦିଆଯିବା ପର୍ଯ୍ୟନ୍ତ ଉତ୍ତରଦାତାମାନେ ଡିକ୍ରି କାର୍ଯ୍ୟକାରୀ କରିପାରିବେ ନାହିଁ । ଏହା

ସତ୍ୟ ଯେ ଆବେଦନକାରୀ ଉଚ୍ଚ ନ୍ୟାୟାଳୟରେ ପୁନଃନିରୀକ୍ଷଣ ମାମଲାର ଫଏସଲା ପୂର୍ବରୁ ଅର୍ଥରାଶି ଜମା କରିଥିଲେ । ଏହି ରାୟ ବାତିଲ କରାଯାଇଥିବା ତଥ୍ୟକୁ ଦୃଷ୍ଟିରେ ରଖି, ପ୍ରଦାନ କରାଯାଇଥିବା ଯେକୌଣସି ରାଶି ଏହି ଅଧିନିୟମ ଅନୁଯାୟୀ ନ୍ୟାୟାଧିକରଣ ଦ୍ୱାରା ପ୍ରଦାନ କରାଯାଉଥିବା ରାୟର ଫଳାଫଳ ଉପରେ ନିର୍ଭର କରିବ ।

ତଦନୁସାରେ ଆବେଦନଟିର ସମାଧାନ କରାଯାଇଅଛି । କୌଣସି ଖର୍ଚ୍ଚ ରହିବ ନାହିଁ ।

ଟି. ଏନ୍. ଏ. ଆବେଦନର ସମାଧାନ କରାଗଲା ।

**ଅସ୍ୱୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଭାଷାନ୍ତର :
ମଦନ ମୋହନ ଭୂୟାଁ
ଅନୁବାଦକ
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।